## ମନ୍ତ୍ରୀଙ୍କ ପୋଷ୍ୟ ସ୍କୁଲକୁ ୫ଲକ୍ଷ ଟଙ୍କା ଅନୁଦାନ

ସଇଁତଳା,(ଡି.ଏନ.ଏ.): ଟିଟିଲାଗଡ଼ ବିଧାୟିକା ତଥା ମହିଳା, ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ନିଜର ପୋଷ୍ୟ ସ୍କୁଲ ଅଧିକାରୀମାନଙ୍କ ସହ ଭର୍ଚୁଆଲ ମୋଡ଼ରେ କଥା ହୋଇ ପ୍ରାର୍ଥନା ମଣ୍ଡପ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ମନ୍ତ୍ରୀ ସାହୁ ସୋମବାର ସନ୍ଧ୍ୟାରେ ସଇଁତଲାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଆବାସିକ) ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା, ବିଦ୍ୟୁତଲତା ଦେଇ, ସଙ୍ଗୀତା ରଥ ତଥା ଅନ୍ୟ ଅଧିକାରୀମାନଙ୍କ ସହ ଗୁଗୁଲ ମିଟ ଆପ୍ଲିକେଶନ ଜରିଆରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରାର୍ଥନା ମଣ୍ଡପ ପାଇଁ ଛାତ୍ରୀମାନେ ହଇରାଣ ହେଉଥିବାରୁ ବିଶେଷ ସମସ୍ୟା ଅନୁଦାନରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ମନ୍ତ୍ରୀ ଘୋଷଣା କରିଥିଲେ ।

## ସଂକ୍ଷେପରେ

### କଣ୍ଟାବାଞ୍ଜି ଏନ୍ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ

କଣ୍ଟାବାଞ୍ଜି,୧୦।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ପକ୍ଷରୁ ବଙ୍ଗୋମୁଣ୍ଡା ରେଳ ଫାଟକ ନିକଟରେ ଅନାଧିକାରଭାବେ ନିର୍ମାଣ ହେଉଥିବା ଏକ ଘରକୁ ସୋମବାର ଉଚ୍ଛେଦ କରାଯାଇଛି। ସ୍ଥାନୀୟ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଶୋକ କୁମାର ମାଝି, ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ, ପୋଲିସ ଏସଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ସତ୍ୟଜିତ କନ୍ଦନକେଲ, ଏଏସଆଇ ଭଗବତ ସା ଉଚ୍ଛେଦ ବେଳେ ଉପସ୍ଥିତ ଥିଲେ । ତେବେ ସହରର କେତେକ ସ୍ଥାନରେ ଜବରଦଖଲରେ ଥିବା ସରକାରୀ ଜମିକୁ ଉଚ୍ଛେଦ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଅକ୍ସିଜେନ ବ୍ୟାଙ୍କ ଉଦ୍‌ଘାଟିତ

ଭବାନୀପାଟଣା, ୧୦।୫ (ଡି.ଏନ.ଏ.): ଦେଶରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ିବା ସହିତ ଜୀବନ ରକ୍ଷକ ଅକ୍ସିଜେନ ଗ୍ୟାସର ଅଭାବ ଏବେ ଚିନ୍ତାଜନକ ହୋଇପଡିଛି। ଏଭଳିସ୍ଥିତିରେ ଜୁହାର ଫାଉଣ୍ଡେଶନ ମୁମ୍ବାଇ ଆନୁକୂଲ୍ୟରେ ସ୍ଥାନୀୟ ଭବାନୀପାଟଣା ସହର ନିକଟ ପ୍ରଗତି କଲେଜରେ ଅକ୍ସିଜେନ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର ଗୁଗୁଲ ମିଟ ମାଧମରେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜୁହାର ଫାଉଣ୍ଡେଶନ ଦୀପକ ପୂଜାରୀ, ପ୍ରଦୀପ ପଣ୍ଡା, ଦିବ୍ୟେନ୍ଦୁ ପଟ୍ଟନାୟକ, ମହେଶ ଅଗ୍ରୱାଲ, ପ୍ରତ୍ୟୁଷ ପଣ୍ଡା, ସମୀର ପଣ୍ଡା, ଏସି ପତି ପ୍ରମୁଖ ଗୁଗଲ ମିଟ ଜରିଆରେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଗତି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଇଂ ଅଜୟ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏସି ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ଗୀତ ଗାଇ କରୋନା ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ୨ଭଉଣୀ

ବିନିକା, ୧୦।୫(ଡି.ଏନ୍.ଏ.): କରୋନା ସଂକ୍ରମଣର ଭୟବହତା ରୋକିବାକୁ ସରକାର ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। ଲକ୍‌ଡାଉନ୍, ଶଟଡାଉନ୍ ମାଧମରେ କରୋନା ଚେନ ଭାଙ୍ଗିବା ପ୍ରୟାସ କରାଯାଉଛି। ତେବେ କେତେକ ବ୍ୟକ୍ତିଗତସ୍ତରରେ କରୋନା ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି। ବିନିକା ସହର ଗଡଭିତର ପଡାର ସୁଧାଂଶୁ ଶେଖର ଦାଶଙ୍କ ଦୁଇଝିଅ ଚିନ୍ମୟୀ(୧୫) ଓ ତନ୍ମୟୀ (୧୪) ୟୁଟ୍ୟୁବ, ଫେସବୁକ୍ ଆଦି ସୋସିଆଲ ମିଡିଆରେ ଗୀତ ଗାଇ କରୋନା ମହାମାରୀରୁ ସୁରକ୍ଷିତ ରହିବା ନେଇ ଲୋକଙ୍କୁ ସଚେତନ କରାଉଛନ୍ତି। ବିନିକା ସହର ତଥା ବିନିକା ଗ୍ରାମାଞ୍ଚଳର ଲୋକେ ଦୁଇ ଭଉଣୀଙ୍କର ଗୀତ ଶୁଣି କରୋନା ବିଷୟରେ ସଚେତନ ହେଉଛନ୍ତି। ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍‌ରେ ଘରେ ଥିବା ଜନସାଧାରଣ ଗୀତର ମଜା ନେବା ସହିତ ଦୁଇଭଉଣୀଙ୍କୁ ପ୍ରଶଂସା କରୁଛନ୍ତି।

### କରୋନା ମହାମାରୀରୁ ରକ୍ଷା ପାଇଁ ହୋମଯଜ୍ଞ

ଲୋଇସିଂହା,୧୦।୫ (ଡି.ଏନ.ଏ): କରୋନା ମହାମାରୀର ଦ୍ୱିତୀୟ ଲହରରେ ଗାଁଠାରୁ ସହର ପର୍ଯ୍ୟନ୍ତ ସଂକ୍ରମଣ ଓ ମୃତ୍ୟୁହାର ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ସଂକ୍ରମଣ ହାରକୁ ପ୍ରତିହତ ପାଇଁ ରାଜ୍ୟ ସରକାର ଆସନ୍ତା ୧୯ ତାରିଖ ଯାଏ ଲକଡାଉନ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସାରା ବିଶ୍ୱରୁ ମହାମାରୀ ଦୂର ଲାଗି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଦାଶପାଲି ଗାଁରେ ହୋମଯଜ୍ଞ ଓ ଗାୟତ୍ରୀ ପାଠ ସୋମବାର କରାଯାଇଥିଲା। ଶ୍ରୀୟାକାନ୍ତ ଦାଶ, ରାଘବେନ୍ଦ୍ର ଦାଶ ପୂଜାର୍ଚ୍ଚନା କରିଥିଲେ। ପୂଜାରେ ଘେତୁ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ଜଗଦୀଶ ବିଶ୍ୱାଳ । ଗ୍ରାମର ୪ଜଣ ବ୍ୟକ୍ତି ସାମଜିକ ଦୂରତା ରକ୍ଷା କରି ପୂଜାପାଠ କରିଥିଲେ ।

### ପୋଲିସ ଚେକିଂ କଡାକଡି

ସଇଁତଳା, ୧୦।୫(ଡି.ଏନ.ଏ.): ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ସୋମବାର ସଇଁତଲା ଥାନା ପୋଲିସ ୧୦ହଜାର ଟଙ୍କା ଜରିମାନା ଆଦାୟ କରିଛି। କୌଣସି କାର୍ଯ୍ୟ ନ ଥାଇ ଲୋକେ ବିନା ମାସ୍କରେ ବୁଲାବୁଲି କରୁଥିବାରୁ ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଗକୁ ଚେକିଂ କଡାକଡି ହେବ ବୋଲି ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି।

# ଚାଷୀଙ୍କୁ ମିଳୁନି ଫସଲ ବୀମା ରାଶି

**ଗୋଲାମୁଣ୍ଡା ବ୍ଲକ**
- ଆମରଣ ଅନଶନ ପାଇଁ ଚେତାବନୀ
- ୪ ପଞ୍ଚାୟତରେ ବ୍ୟତିକ୍ରମ
- ଅନ୍ୟ ପଞ୍ଚାୟତ ଚାଷୀଙ୍କୁ ମିଳିଛି

ଗୋଲାମୁଣ୍ଡା, ୧୦।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ୪ଟି ପଞ୍ଚାୟତ ଚାଷୀ ଫସଲ ବୀମା ପାଇବାରୁ ବଞ୍ଚିତ। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୦ ବର୍ଷରେ ଗୋଲାମୁଣ୍ଡା ବ୍ଲକ ୨୮ଟି ପଞ୍ଚାୟତରେ ଧାନ ଚାଷ କରିଥିବା ଚାଷୀମାନେ ଏଗ୍ରିକଲ୍‌ଚର ଇନ୍ସୁରାନ୍ସ ଅଫ୍ ଇଣ୍ଡିଆ କମ୍ପାନୀରେ ଖରିଫ ଫସଲ ବୀମା କରିଥିଲେ। ସେଥିମଧ୍ୟରୁ ବ୍ଲକର ଉଦେଶୃଙ୍ଗ, ଚିଚିଆ, ସିନାପାଲି ଓ ଖଲିଆପାଲି ଆଦି ପଞ୍ଚାୟତକୁ ମରୁଡି ଅଞ୍ଚଳ ଭାବେ ଗଣନା କରାଯାଇଥିଲେ ମଧ୍ୟ ବୀମା କରିଥିବା ସ୍ଥାନୀୟ ଚାଷୀମାନେ ଆଜି ପର୍ଯ୍ୟନ୍ତ ବୀମା ଟଙ୍କା ପାଇ ନ ଥିବା ପ୍ରକାଶ କରିଛନ୍ତି। ବୀମା କରିବା ପରବର୍ତ୍ତୀ ସମୟରେ ପଞ୍ଚାୟତବାସୀ କୃଷି ବିଭାଗ କର୍ମଚାରୀ, ଇନସୁରାନ୍ସ କମ୍ପାନୀ କର୍ମଚାରୀ ଓ ରାଜସ୍ୱ ନୀରିକ୍ଷକଙ୍କ ମିଳିତ ଉପସ୍ଥିତିରେ ଧାନର କ୍ରପ୍ କଟିଙ୍ଗ କରାଯାଇଥିଲା । କ୍ରପ୍ କଟିଙ୍ଗର ରିପୋର୍ଟ ଅନୁସାରେ କମ୍ ଧାନ ଉତ୍ପାଦନ ହୋଇଥିଲା। ବ୍ଲକର ଅନ୍ୟ ପଞ୍ଚାୟତ ଧାନ ଚାଷୀମାନଙ୍କୁ ବୀମା ରାଶି ମିଳୁ ଥିବା ବେଳେ ଏହି ୪ଟି ପଞ୍ଚାୟତରେ ବ୍ୟତିକ୍ରମ ଦେଖାଦେଇଛି। ଯାହାକୁ ନେଇ ଆଗାମୀ ଦିନରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ନିୟମ ପାଳନ କରି ଆମରଣ ଅନଶନ କରିବୁ ବୋଲି ଉଦେଶୃଙ୍ଗ ପଞ୍ଚାୟତ ପ୍ରହଲ୍ଲାଦ ଅଗ୍ରିଆ, ପ୍ରେମଲାଲ ଚନ୍ଦନ, ବିନ୍ଦୁ ମହାନନ୍ଦ, ଚିଚିଆ ପଞ୍ଚାୟତର ବିଦ୍ୟାଧର ପଟେଲ, ମଞ୍ଜୁଳତା ଅଗ୍ରିଆ, ସିନାପାଲି ପଞ୍ଚାୟତର ଗଣେଶ ସାହୁ, ନଉକେଶ୍ୱର ପଟେଲ, ନରେନ୍ଦ୍ର ସାହୁ ଓ ଖଲିଆପାଲି ପଞ୍ଚାୟତର ମୁରଲିଧର ଚଳାନ, ଯୋଗୀଧର ନାଏକ, ଧନିଷ୍ଠ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ଗୋଲାମୁଣ୍ଡା ଏ.ଏ.ଓ ଲିଙ୍ଗରାଜ ମେହେରଙ୍କୁ ବାରମ୍ବାର ଫୋନ୍ କରିଥିଲେ ମଧ ଫୋନ୍ ଗ୍ରହଣ କରି ନ ଥିବାରୁ ତାଙ୍କ ମତାମତ ମିଳି ପାରି ନାହିଁ। ଧର୍ମଗଡ ଜିଲା କୃଷି ଅଧିକାରୀ କମେଶ୍ୱର ମଲ୍ଲିକଙ୍କୁ ପଚାରିବାରୁ ଏ ବିଷୟରେ ଜାଣି ନାହିଁ। ଆମକୁ ଖରିଫ ଫସଲ ବୀମା ରାଶି ବିଷୟରେ କୌଣସି ଚିଠି ହୋଇନାହିଁ ବୋଲି କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ଆକାଉଣ୍ଟରେ କିଛି ଭୁଲ ଥାଇପାରେ, ନଚେତ୍ କମ୍ପାନୀର କର୍ମଚାରୀମାନେ ବଦଳି ହୋଇଥାନ୍ତି, ଫଳରେ ଏଭଳି ସମସ୍ୟା ଉପୁଜିଥିବ ବୋଲି କହିଥିଲେ। ଆମକୁ ଲିଖିତ ମାଧମରେ ଜଣାଇଲେ ଆମେ ଭୁବନେଶ୍ୱରକୁ ପଠାଇ ଏହାର ସମାଧାନ କରିବା ବ୍ୟବସ୍ଥା କରିବୁ ବୋଲି କହିଥିଲେ।

# କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ



ଉଦ୍‌ଘାଟନ ଅବସରରେ ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ।

**ସେଣ୍ଟରରେ ରହିଛି ୧୦୦ ଶଯ୍ୟା**

କଣ୍ଟାବାଞ୍ଜି,୧୦।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ କାର୍ଯ୍ୟକ୍ଷମ ହୋଇଛି ଏକଶହ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର। ସୋମବାର କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ ହୋଇଥିବା ୩ମହଲା ବିଶିଷ୍ଟ ଏମ୍‌ସିଏଚ୍ ବିଲଡିଙ୍ଗକୁ କୋଭିଡ କେୟାର ସେଣ୍ଟରଭାବେ ପରିଣତ କରାଯାଇଛି। ସ୍ଥାନୀୟ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଶୋକ କୁମାର ମାଝି ଏହାକୁ ଉଦ୍‌ଘାଟନ କରିଛନ୍ତି। ସେଣ୍ଟରର ସୁପରିଚାଳନା ପାଇଁ ଟିଟିଲାଗଡ ଉପଜିଲାପାଳ ସୋମେଶ ଉପାଧ୍ୟାୟ (ଅଥୋରାଇଜ୍‌ଡ ପର୍ସନ), ଡା. ସୌମ୍ୟଶ୍ରୀ ପ୍ରିତିଦର୍ଶନ ପଣ୍ଡା(ଅଥୋରାଇଜ୍‌ଡ ମେଡିକାଲ ଅଫିସର), କଣ୍ଟାବାଞ୍ଜି ତହସିଲଦାର ଅଶୋକ କୁମାର ମାଝି, ଅତିରିକ୍ତ ନୋଡାଲ ଅଫିସରଭାବେ ଦାୟିତ୍ୱ ତୁଲାଇବେ। କରୋନା ସଂକ୍ରମିତ ରୋଗୀ ଏହା ଦ୍ୱାରା ଉପକୃତ ହେବେ ବୋଲି ତହସିଲଦାର ମାଝି କହିଛନ୍ତି।

# ବାପାଙ୍କ ପରେ ମା'ଙ୍କୁ ହରାଇ ୩ ପିଲା ଅନାଥ

**ବୃଦ୍ଧ ଅଜା ଉପରେ ୩ ନାବାଳିକାଙ୍କ ବୋଝ**

କର୍ଲାମୁଣ୍ଡା, ୧୦।୫ (ଡି.ଏନ.ଏ.)

ପ୍ରଥମେ ବାପା ଏବଂ ଏବେ ମା'ଙ୍କୁ ହରାଇ ୩ ପିଲା ଅନାଥ ହୋଇଥିବା ବେଳେ ବୃଦ୍ଧ ଅଜାଙ୍କ ସେମାନଙ୍କ ବୋଝ ସମ୍ଭାଳୁଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଧଅଁରାଖମନ ଗାଁରେ। ଏହି ଗାଁର ଈଶ୍ୱର ଭୋଇ ୪୩ ବର୍ଷ ବୟସରେ ୨୦୧୬ରେ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିଲେ। ଏହା ପରେ ସ୍ତ୍ରୀ ବିମନୀ ଭୋଇ ୩ ଝିଅ ଓ ବୃଦ୍ଧ ଶ୍ୱଶୁର ସହିତ ଦୁଃଖ କଷ୍ଟରେ ଜୀବନ କାଟୁଥିଲେ। ଚଳିତ ମାସ ୩ ତାରିଖ ବିମନୀ (୩୨) ମୃତ୍ୟୁ ହେବା ପରେ ୩ ନାବାଳିକା ପିଙ୍କି (୧୫), ରିଙ୍କି (୧୩), ଜନନୀ (୮) ବେସାହାରା ହୋଇପଡିଛନ୍ତି। ଅନ୍ୟପଟେ ବୃଦ୍ଧ ଅଜା ରାଜେନ୍ଦ୍ର ଭୋଇ (୬୫)ଙ୍କ କାନ୍ଧ ଉପରେ ୩ ନାବାଳିକାଙ୍କ ବୋଝ ଲଦି ହୋଇଛି। ଏ ନେଇ ଗଜବାହାଲ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥ ରଣାଙ୍କୁ ଯୋଗାଯୋଗ କରାଯିବାରୁ ଆମ ଦ୍ୱାରା ଯାହା ହେଇପାରିବ ଆମେ ନିଶ୍ଚିତ ରୂପେ ଏପରିବାର ପାଇଁ ସହଯୋଗ କରିବୁ ବୋଲି କହିଛନ୍ତି। ଏହି ପରିବାର ପ୍ରତି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଦାବି କରାଯାଇଛି।



୩ ନାବାଳିକାଙ୍କ ସହିତ ବୃଦ୍ଧ ଅଜା ରାଜେନ୍ଦ୍ର ଭୋଇ।

## ଔଷଧ ଦୋକାନୀଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା ଦାବି

ଭବାନୀପାଟଣା, ୧୦।୫ (ଡି.ଏନ.ଏ.)

ରାଜ୍ୟରେ କରୋନା ରୋଗୀମାନଙ୍କୁ ନିରନ୍ତର ସେବା ଯୋଗାଇ ଆସୁଥିବା କେମେଷ୍ଟି ଓ ଡ୍ରଗିଷ୍ଟମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ମାନ୍ୟତା ଦେବା, କୋଭିଡ୍ ଆକ୍ରାନ୍ତ ରୋଗୀ ଓ ସେମାନଙ୍କ ପରିବାରକୁ ଯଥାବିଧି ସହାୟତା ଦେବା ପାଇଁ କଳାହାଣ୍ଡି କେମେଷ୍ଟି ଓ ଡ୍ରଗିଷ୍ଟ ଆସୋସିଏଶନ୍ ସଭାପତି ଅଶୋକ କୁମାର ରାଉତ ଓ ସମ୍ପାଦକ ହୃଷିକେସ ମିଶ୍ର ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, କଳାହାଣ୍ଡି ଜିଲାରେ ୫ଶହରୁ ଉର୍ଦ୍ଧ୍ୱ ଔଷଧ ଦୋକାନ ରହିଛି। ଗତବର୍ଷ ପ୍ରଥମ ଲହର ଓ ଦ୍ୱିତୀୟ ଲହରରେ କୋଭିଡ୍ ସଂକ୍ରାମଣରେ ଜିଲାର ବିଭିନ୍ନ ଔଷଧ ଦୋକାନ ମାଲିକ ଓ କର୍ମଚାରୀ ମଧ୍ୟରୁ ପ୍ରାୟ ୪୦ରୁ ୫୦ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦ରୁ ୨୫ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟମାନେ ବର୍ତ୍ତମାନ ସୁଦ୍ଧା ଚିକିତ୍ସାଧୀନ ଅଛନ୍ତି। ସେଥିମଧ୍ୟରୁ ଜିଲାରେ ୫ଜଣ ଔଷଧ ବ୍ୟବସାୟୀ କରୋନାରେ ଦେହାନ୍ତ ହୋଇସାରିଛି। ରୋଗୀ ଓ ଡାକ୍ତରଙ୍କ ସଂସ୍ପର୍ଶରେ ଆସୁଥିବା ଔଷଧ ଦୋକାନୀଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା ନ ମିଳିଲେ ନିଜର ସୁରକ୍ଷା ପାଇଁ ଆମେ ବାଧ ହୋଇ ଔଷଧ ଦୋକାନ ବନ୍ଦ କରି ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବୁ ବୋଲି ଚେତାବନୀ ଦେଇଛନ୍ତି।

# ୭ଗାଁ କଣ୍ଟେନମେଣ୍ଟ ଜୋନ ଘୋଷିତ

**ବୀରମହାରାଜପୁର ବ୍ଲକ**

ଅମରପାଲି, ୧୦।୫(ଡି.ଏନ.ଏ.)

କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ବୀରମହାରାଜପୁର ବ୍ଲକର ୭ଟି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି। ବ୍ଲକ ଅନ୍ତର୍ଗତ ଦୁର୍ଜନତୈଳା ପଞ୍ଚାୟତର ମସିଣାପାଲି (ମାଖନଖାଇ), ଖଣ୍ଡହତା ପଞ୍ଚାୟତର ବଡକିରାସିରା ଓ ସାହାଜଲଥା, ହିଲୁଙ୍ଗ ପଞ୍ଚାୟତର ହିଲୁଙ୍ଗର ବାଘସାହି, ଚମ୍ପାମାଳ ପଞ୍ଚାୟତ ଅନ୍ତର୍ଗତ ଚମ୍ପାମାଳ ଗ୍ରାମର ମାଳିସାହି ଏବଂ କମିରା ପଞ୍ଚାୟତର ଲକ୍ଷ୍ମୀ ଓ କମିରା ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନଭାବେ ଘୋଷଣା କରାଯାଇଛି। ଏହି ଘୋଷଣା ଅନିର୍ଦ୍ଦିଷ୍ଟ ସମୟ ପାଇଁ ବଳବତ୍ତର ରହିବ। ସୂଚନା ଅନୁସାରେ, ବ୍ଲକରେ କ୍ରମାଗତଭାବେ ଆକ୍ରାନ୍ତ ସଂଖ୍ୟା ବଢି ଚାଲିଥିବା ବେଳେ କେତେକଙ୍କ ମୃତ୍ୟୁ ହୋଇ ସାରିଲାଣି। ଚମ୍ପାମାଳ ଗ୍ରାମର ଜଣେ ୨୨ ବର୍ଷିୟ ଇଞ୍ଜିନିୟରିଂ ଛାତ୍ରଙ୍କ ବୁର୍ଲା କୋଭିଡ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ସେହିପରି ଖଣ୍ଡହତା ପଞ୍ଚାୟତର ବଡକିରାସିରା (କେନ୍ଦୁଖୁପୁଲି) ଗ୍ରାମର ଜଣେ ୩୪ବର୍ଷୀୟ ବ୍ୟବସାୟୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା କୋଭିଡ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ଏହା ସହିତ ଗତ ରବିବାର କମିରା ପଞ୍ଚାୟତର ଲକ୍ଷ୍ମୀ ଗ୍ରାମର ଜଣେ ଅବସରପ୍ରାପ୍ତ ସମବାୟ ସମ୍ପାଦକ ଓ କମିରା ଗ୍ରାମର ୫୨ ବର୍ଷିୟ ଜଣେ ସ୍ୱେଚ୍ଛାସେବୀଙ୍କ ମୃତ୍ୟୁ ଘଟିଛି। ସେହିଦିନ ଖଣ୍ଡହତା ପଞ୍ଚାୟତର ଚୁବକାଦାଦର ଗ୍ରାମର ଜଣେ ୩୦ ବର୍ଷିୟା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀଙ୍କ ମୃତ୍ୟୁ ସୋନପୁର କୋଭିଡ ଡାକ୍ତରଖାନାରେ ହୋଇଥିଲା। ଫଳରେ ଗୋଟିଏ ସପ୍ତାହ ମଧ୍ୟରେ ବ୍ଲକର ୫ ଜଣଙ୍କ କରୋନାରେ ମୃତ୍ୟୁ ପରେ ଲୋକେ ଭୟଭୀତ ହୋଇ ପଡିଥିଲେ। ଏଥିରେ ପ୍ରଶାସନ ତତ୍ପରତା ପ୍ରକାଶ କରି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନଭାବେ ଘୋଷଣା କରିଛି। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ, ତହସିଲଦାର ବିଜ୍ଞାନ କୁମ୍ଭାର, ମେଡିକାଲ ଅଫିସର ଡା. ସଞ୍ଜୟ ମହାପାତ୍ର, ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସହ ଉକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନୋଡାଲ ଅଫିସର ଦାୟିତ୍ୱ ପ୍ରଦାନ କରାଯାଇଛି ।

# ଡାକ୍ତରଖାନା ସଫେଇ କର୍ମଚାରୀଙ୍କୁ ମିଳିନି ପ୍ରୋତ୍ସାହନ ରାଶି

ସୋନପୁର,୧୦।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ୩୨ ଜଣ ସଫେଇ କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିନି। ଅନ୍ୟ ଜିଲାରେ ଏହି ରାଶି ମିଳିଥିବା ବେଳେ ଜିଲାର ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ସମୟରେ କାର୍ଯ୍ୟରତ ସଫେଇ କର୍ମଚାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଆଉଟ ସୋର୍ସିଂ ଅଧୀନରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀମାନେ ସିଡିଏମ୍‌ପିଚଓଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳିନି । ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ କରୋନା ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ। ଆସନ୍ତା ୭ ଦିନ ଭିତରେ ଏହି ରାଶି ସମସ୍ତ ସଫେଇ କର୍ମଚାରୀଙ୍କୁ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶୃତି ମିଳିଛି। ଅଶୋକ ନାଏକ, ଗୋବିନ୍ଦ ସୁନା, ଆକାଶ ସୁରଗୁଜିଆ ଓ କୁନ୍ତି ସୁରଗୁଜିଆ ପ୍ରମୁଖ କର୍ମଚାରୀ ମାନେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।


ସଫେଇ କର୍ମଚାରୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଆସିଛନ୍ତି ।

## କରୋନାରେ ମହିଳାଙ୍କ ମୃତ୍ୟୁ

ସୋନପୁର,୧୦।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲା ରାମପୁର(ବଡକର୍ଲେ) ଗ୍ରାମର ଜଣେ ମହିଳା(୬୭)ଙ୍କର ରବିବାର ରାତିରେ କରୋନାରେ ମୃତ୍ୟୁ ହୋଇଛି। ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେ ଗତ ୭ ତାରିଖରୁ କରୋନା ସଂକ୍ରମିତ ହୋଇ ପ୍ରଥମେ ରାମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଅକ୍ସିଜେନ କମି ଯିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସୋମବାର ବୁର୍ଲା ଶ୍ମଶାନ ଘାଟରେ କୋଭିଡ ନିୟମ ଅନୁଯାୟୀ ମୃତଦେହ ସଂସ୍କାର କରାଯାଇଛି। କୌଶଲ୍ୟାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ଖବରଦାତା ତଥା ସଂଗଠକ ସଞ୍ଜୟ କୁମାର ସାହୁ, ଶରତ ସାହୁ ଓ ଶରତ ପାତ୍ର ଉପସ୍ଥିତ ଥିଲେ।

# ରାସ୍ତାରେ ବୁଲା ଗୋରୁ ଯୋଗୁ ଟ୍ରାଫିକ ଜାମ୍



ରାସ୍ତା ଉପରେ ବୁଲା ଗୋରୁ ।

ନୂଆପଡ଼ା ଅଫିସ,୧୦।୫

କରୋନା ମହାମାରୀ ଯୋଗୁ ରାଜ୍ୟରେ ଲକ୍‌ଡାଉନ ଚାଲିଥିବାରୁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ଏବେ ବୁଲା ଗାଇଗୋରୁଙ୍କ ଆଡ୍ଡାସ୍ଥଳ ପାଲଟିଛି। ସରକାରଙ୍କ ନୀୟମାନୁସାରେ ଅତି ଆବଶ୍ୟକ ଜିନିଷ ବୋଝେଇ ଯାନ ଚାଲିଥିବା ବେଳେ ସବୁ ଗାଡି ମୋଟର ବନ୍ଦ ରହିଛି। ଫଳରେ ରାସ୍ତାଘାଟ ଶୂନଶାନ ପାଲଟି ଯାଇଥିବାରୁ ବୁଲା ଗାଇଗୋରୁ ରାସ୍ତା ଉପରେ ଟ୍ରାଫିକ ଜାମ କରୁଛନ୍ତି। ଏଥିଯୋଗୁ ସମୟ ସମୟେ ଛୋଟବଡ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଜିଲ୍ଲାର ନୂଆପଡା ବୋଲି ନୁହେଁ ପ୍ରତେକ ବସଷ୍ଟାଣ୍ଡ ଓ ମୁଖ୍ୟରାସ୍ତାରେ ବୁଲା ଗାଇଗୋରୁ ଭିଡ଼ ଜମାଉଛନ୍ତି। ଗାଇଗୋରୁ ମାଲିକମାନେ ମଧ୍ୟ ନେଉନାହାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ବିପୁଳ ପରିମାଣର ବିସ୍ଫୋରକ ଜବତ

- ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ଗିରଫ
- ୪ ଟ୍ରାକ୍ଟର, ନଗଦ ୩୦ ହଜାର ଟଙ୍କା ଜବତ

ଖଡିଆଳ, ୧୦।୫ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି। ଏହି ଘଟଣାରେ ବ୍ଲକ ଅଧକ୍ଷାଙ୍କ ସ୍ୱାମୀ ପ୍ରେମସାଗର ମେହେରଙ୍କୁ ଗିରଫ କରାଯିବା ସହ ୪ଟି ଟ୍ରାକ୍ଟର, ନଗଦ ୩୦ ହଜାର ଟଙ୍କା ଜବତ କରାଯାଇଛି। ସୋମବାର ଖଡିଆଳ ପୋଲିସ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ କୁମାର ଜୈନ ଏହି ସବୁ ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଖଡିଆଳ ପୋଲିସ ଏସଡିପିଓ ସନ୍ତକ ଜେନା ଓ ଅତିରିକ୍ତ ତହସିଲଦାର ତପନ କୁମାର ନାୟକଙ୍କ ନେତୃତ୍ୱରେ ତୁକଲା ଗ୍ରାମରେ ଚଢ଼ାଉ କରିଥିଲେ। ସେଠାରୁ ବିପୁଳ ପରିମାଣରେ ବେଆଇନ ବିସ୍ଫୋରକ ଜବତ ହୋଇଛି। ୧୫ କାର୍ଟୁନ୍ ସମୁଦାୟ ୨୯୨୫ ଜେଲେଟିନ୍ ଷ୍ଟିକ୍, ୨୯ଟି ସିଲ ପ୍ଲାଟିକ୍ ବସ୍ତା ଏମୋନିୟମ ନାଇଟ୍ରେନ ୫୦ କେଜି, ଗୋଟିଏ କାଟୁନ ସିଲ ୩୪ ବଣ୍ଡଲ ହାରାହାରି ୮୪୪ ଗୋଟି ଡେଟୋନେଟର୍, ନଗଦ ୩୨ ହଜାର ୯୦୦ ଟଙ୍କା, ଦୁଇଟି ଟ୍ରାକ୍ଟରର, ଦୁଇ ଗୋଟି କମ୍ପ୍ରେସର ଟ୍ରାକ୍ଟର, ୪ଟି ଲୁହା ଶାବଳ, ଗୋଟିଏ ମୋବାଇଲ ଓ ଆଧାର କାର୍ଡ ଜବତ ହୋଇଛି। ସମ୍ମିଳନୀରେ ଏସଡିପିଓ ସନ୍ତକ ଜେନା, ଖଡିଆଳ ଥାନା ଅଧିକାରୀ କୈଳାଶ ଚନ୍ଦ୍ର ସେଠ ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ କୁମାର ଜୈନ ସୂଚନା ଦେଉଛନ୍ତି।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ଖଡିଆଳ, ୧୦।୫ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଗାନ୍ଧୀନଗର ୱାର୍ଡ ନଂ. ୧୩ ବୃହସ୍ପତି କୁମାରଙ୍କ ଘର ଅଗ୍ନିକାଣ୍ଡରେ ପୋଡ଼ି ଯାଇଛି। ଘରେ ଥିବା ପରିବାର ଦୁଇ ସନ୍ତାନ ଏବଂ ସ୍ତ୍ରୀ ବାହାରକୁ ବାହାରିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଖଡିଆଳ ଅଗ୍ନିସେବାଶ୍ରମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ତାଙ୍କ ସବୁ ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଥିଲା। ଘରେ ଥିବା ଗୋଦରେଜ, ଟିଭି, କୁଲର, ପଲଙ୍କ, ଆସବାସପତ୍ର ସହ ଗ୍ରୁପ ଋଣ ଉଠାଇଥିବା ୩୦ ହଜାର ଟଙ୍କା ଏବଂ ତାଙ୍କ ସ୍ତ୍ରୀ ୬୦ ହଜାର ଟଙ୍କାର ସୁନାଗହଣା ମଧ ନଷ୍ଟ ହୋଇଯାଇଛି। ସରକାରୀ ସହାୟତା ପାଇଁ ପରିବାର ନିବେଦନ କରୁଛନ୍ତି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନି ସେବାଶ୍ରମ ବିଭାଗର ଗଲୁ ସାହୁ ପ୍ରକାଶ କରିଛନ୍ତି।

# ପ୍ରତି ରବିବାର ରୋଗୀ ପରିଜନଙ୍କୁ ଖାଦ୍ୟଦେବ କେଶରିଆ ହିନ୍ଦୁ ବାହିନୀ

ବଲାଙ୍ଗୀର ଅଫିସ, ୧୦।୫

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରେ ଚାଲିଥିବା ଆହାର କେନ୍ଦ୍ର ପ୍ରତି ରବିବାର ବନ୍ଦ ରହେ। ଫଳରେ ରୋଗୀ ପରିଜନମାନେ ଆହାର କେନ୍ଦ୍ରରୁ ଖାଦ୍ୟ ପାଆନ୍ତି ନାହିଁ। ଏପଟେ କୋଭିଡ ସଂକ୍ରମଣ ଯୋଗୁଁ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଓ ୧୪ଦିନିଆ ଲକ୍‌ଡାଉନ୍ ଚାଲିଛି। ଫଳରେ ଦୋକାନ ବଜାର, ହୋଟେଲ ବନ୍ଦ ରହୁଛି। ଏଭଳି ସମୟରେ ବିଶେଷ କରି ରୋଗୀ ପରିଜନମାନେ ଖାଦ୍ୟ ନପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ଅସୁବିଧା ଦୂର ପାଇଁ କେଶରିଆ ହିନ୍ଦୁବାହିନୀ ପ୍ରତି ରବିବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ମାଗଣା ରନ୍ଧା ଖାଦ୍ୟ ଦେବ ବୋଲି ସଂଗଠନ ମହାମନ୍ତ୍ରୀ ନରସିଂହ ଭୋଳ, ଜିଲା ସଭାପତି ପ୍ରଦୀପ ତ୍ରିପାଠୀ ସୂଚନା ଦେଇଛନ୍ତି । ରବିବାରଠାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି।

## ସଂକ୍ଷେପରେ

### ଦିନକରେ ୪୧୮ ପଜିଟିଭ୍ ଚିହ୍ନଟ

ଝାରସୁଗୁଡ଼ା ଅଫିସ,୧୦।୫: ଝାରସୁଗୁଡ଼ା ଜିଲାରେ ରବିବାର ଗୋଟିଏ ଦିନରେ ୪୧୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଏବେ ଜିଲାରେ ୩୧୩୫ ଆକ୍ଟିଭ୍ କେସ ରହିଛି । ଜିଲା ସ୍ୱାସ୍ଥ୍ୟବିଭାଗ ତରଫରୁ ଆଣ୍ଟିଜେନ୍ ଓ ଆରଟିପିସିଆର୍ ପରୀକ୍ଷା ଚାଲିଛି। ଏହି ପ୍ରକ୍ରିୟା ତ୍ୱରାନ୍ୱିତ କରାଗଲେ ଦ୍ୱନ୍ଦ୍ୱରେ ରହୁଥିବା ଲୋକେ କୋଭିଡ୍ ପରୀକ୍ଷା କରି ନିଜ ସମ୍ପର୍କରେ ଜାଣିପାରନ୍ତେ ବୋଲି ମତପ୍ରକାଶ ପାଉଛି।

### ସାଂସ୍କୃତିକ ସଙ୍ଗଠକ ଶୁଭଲକ୍ଷ୍ମୀଙ୍କ ପରଲୋକ

ସମ୍ବଲପୁର, ୧୦।୫ (ବ୍ୟୁରୋ): ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ଶୁଭଲକ୍ଷ୍ମୀ ବେଉରାଙ୍କ ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସମ୍ବଲପୁର ସରକାରୀ ମହିଳା କଲେଜର ଜଣେ କର୍ମଚାରୀ ଭାବେ ସେ ଅବସର ଗ୍ରହଣ କରିଥିଲେ। ସେ ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ସହ ଜଡିତ ଥିଲେ। ତାଙ୍କ ବିୟୋଗରେ ସମ୍ବଲପୁର ମହିଳା କଲେଜ ଅଧାପିକା, ଅଧାପକ, କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କଳାକାର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଝିଅ ବିଶିଷ୍ଟ ନୃତ୍ୟଶିଳ୍ପୀ ତଥା ମଞ୍ଚ କଳାକାର ସାଶ୍ୱତି ସୌମ୍ୟା ଭୋଇଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ।

### ନବ ବିବାହିତାଙ୍କ ଆତ୍ମହତ୍ୟା ଅଭିଯୋଗ

ରିଆମାଳ,୧୦।୫(ଡି.ଏନ.ଏ):ପାରିବାରିକ କଳହକୁ କେନ୍ଦ୍ରକରି ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ଖଇରନ୍ଧା ଗ୍ରାମରେ ସୋମବାର ଜଣେ ନବ ବିବାହିତା ମହିଳା କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ତିନିମାସ ପୂର୍ବେ ଖଇରନ୍ଧା ଗ୍ରାମର ବୈଶାଖୁ କିଷାନ(୨୪) ଅନ୍ଧାରୀ ଗ୍ରାମର ମେଘୁ କିଷାନଙ୍କ ଝିଅ ତାରା(୧୯)ଙ୍କୁ ପ୍ରେମ ବିବାହ କରିଥିଲେ। ରବିବାର କୌଣସି ନିର୍ଦ୍ଦିଷ୍ଟ କଥାକୁ ନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ରାତିରେ ଖିଆପିଆ ସାରି ଉଭୟେ ଶୋଇପଡିଥିଲେ। ସୋମବାର ସକାଳେ ତାରା ଘରେ ଥିବା କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏକଥା ଜାଣିବା ପରେ ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ଓ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ରିଆମାଳ ଥାନା ପୋଲିସ ସେଠାରେ ପହଞ୍ଚି ତାରାଙ୍କ ମୃତଦେହ ଜବତ କରିଥିଲେ।

### କରୋନା ଟିକାକରଣ: ଦିନକରେ ନେଲେ ୨୨୦ ଜଣ

କୁଆଁରମୁଣ୍ଡା,୧୦।୫(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକା ନେବା ପାଇଁ ସୋମବାର ଲୋକଙ୍କ ଭିଡ ଜମିଥିଲା। ଦିନକରେ ଟିକା ନେଲେ ୨୨୦ ଜଣ। କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରୁ ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଲମ୍ବା ଧାଡ଼ି ଲଗାଇଥିଲେ। କୁଆଁରମୁଣ୍ଡା ଅଞ୍ଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ କୋଭିଡ୍ ଯୋଦ୍ଧାଭାବେ ଅଗ୍ରାଧିକାର ଭିତ୍ତିରେ ଟିକା ପ୍ରଦାନ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡା ଶ୍ରୀମନ୍ତ ପଟ୍ଟନାୟକ, ଫାର୍ମସିଷ୍ଟ ଉମାକାନ୍ତ ପତି, ଦେବାଶିଷ ସାହୁ ଓ ନର୍ସମାନେ ଉପସ୍ଥିତ ରହି ଟିକାକରଣ କରାଇଛନ୍ତି।

# ଦିନକରେ ୧୧୯୧ ପ୍ୟାକେଟ ସଂଗ୍ରହ

**ଜିଲାରେ ଧାନ ସଂଗ୍ରହ ଆରମ୍ଭ**

ସମ୍ବଲପୁର,୧୦।୫(ବ୍ୟୁରୋ)

ସମ୍ବଲପୁର ଜିଲାରେ ରବି ଧାନ ସଂଗ୍ରହ ସୋମବାରଠାରୁ ଆରମ୍ଭ ହୋଇଛି। ବରେଇପାଲି ମାର୍କେଟରେ ଶୁଭାରମ୍ଭ ସମୟରେ ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକ, ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ, ଏଆର୍‌ସିଏସ୍ ହରିହର ସେଠ, ଚାଷୀ ଅଶ୍ୱିନୀ ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରୁ ଧାନ କିଣାରେ ଅବ୍ୟବସ୍ଥା ଦେଖାଦେଇଥିଲା। ଯେଉଁ ଚାଷୀମାନଙ୍କ ଧାନ ଅମଳ ହୋଇସାରିଛି ସେମାନଙ୍କ ପାଖକୁ ଟୋକନ୍ ଆସି ନ ଥିଲା। ଅନ୍ୟପଟେ ଧାନ ସଂଗ୍ରହ ସମସ୍ତ ନିୟମ ପୂର୍ବରୁ ଭୁବନେଶ୍ୱରରେ ହେଉଥିଲା। ଏବେ ମିଲର୍ସ ଟାର୍ଗେଟ ମଧ୍ୟ ଭୁବନେଶ୍ୱରରୁ ନିୟନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଛି। ଫଳରେ ଧାନ ସଂଗ୍ରହରେ ଚାଷୀମାନେ ଆହୁରି ସମସ୍ୟାର ସମ୍ମୁଖୀନ ହେବେ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, କରୋନ ସଂକ୍ରମଣକୁ ନେଇ ମଧ୍ୟ ଚାଷୀମାନେ ଭୟଭୀତ ଅଛନ୍ତି। ବିଶେଷ କରି ଧାନ ସଂଗ୍ରହ ପ୍ରକ୍ରିୟାରେ ଆଇରିସ୍ ବ୍ୟବହାର କରିବା ଦ୍ୱାରା ଚାଷୀମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି କହିଥିଲେ। ଜିଲାରେ ସଦର ଓ କୁଚିଣ୍ଡା ଉପଖଣ୍ଡରେ ଧାନ ସଂଗ୍ରହ କରାଯିବ। ଏଥିପାଇଁ ୩୦ ସମବାୟ ସମିତି ଓ ଲ୍ୟାମ୍ପ୍‌ସ ସହିତ ୧୦ ଏସ୍‌ଏଚ୍‌ଜି ସାମିଲ ହୋଇଛନ୍ତି। ଧାନ ସଂଗ୍ରହରେ ୪୬ ମିଲର୍ସଙ୍କୁ ଅନୁମତି ପ୍ରଦାନ କରାଯାଇଛି। ହେଲେ ମିଲ୍‌ଗୁଡିକରେ ଧାନ ଭର୍ତ୍ତି ରହିଥିବାରୁ ଏବେ ଧାନ କିଣାରେ ଗତବର୍ଷ ଭଳି ସମସ୍ୟା ଉପୁଜିବା ଆଶଙ୍କା ରହିଛି। ପ୍ରଥମ ଦିନରେ ୪ ସମବାୟ ସମିତିର ୧୧ଜଣ ଚାଷୀଙ୍କଠାରୁ ୧୧୯୧ ପ୍ୟାକେଟ ଧାନ ସଂଗ୍ରହ ହୋଇଛି।


ବରେଇପାଲି ମାର୍କେଟୟାର୍ଡରେ ଧାନ ସଂଗ୍ରହ ହେଉଛି।

## ଡିଏଚ୍‌ଏଚ୍‌କୁ ୨୫ ଅକ୍ସିଜେନ୍ ସିଲିଣ୍ଡର ଦେଲା ଭୂଷଣ


ଡିଏଚ୍‌ଏଚ୍‌କୁ ପ୍ରଦାନ କରାଯାଇଥିବା ଅକ୍ସିଜେନ୍ ସିଲିଣ୍ଡର।

ସମ୍ବଲପୁର, ୧୦।୫ (ବ୍ୟୁରୋ)

ସମ୍ପ୍ରତି ଦେଶରେ କରୋନା ମହାମାରୀ କାୟା ବିସ୍ତାର କରିଚାଲିଛି। ବିଭିନ୍ନ ସ୍ଥାନରେ ଅକ୍ସିଜେନ୍ ସିଲିଣ୍ଡର ଅଭାବ ଦେଖାଦେଇଛି। ଏପରି କି ଅକ୍ସିଜେନ୍ ଅଭାବରୁ ରୋଗୀ ମୃତ୍ୟୁବରଣ କରୁଥିବା ନଜିର ରହିଛି। ଏପରିସ୍ଥିତିରେ ରୋଗୀମାନେ କିପରି ସୁବିଧାରେ ଅକ୍ସିଜେନ୍ ସିଲିଣ୍ଡର ପାଇପାରିବେ ସେ ନେଇ ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀ ଉଦ୍ୟମ ଜାରି ରଖିଛି। ସୋମବାର କମ୍ପାନୀ ପକ୍ଷରୁ ୨୫ଟି ଅକ୍ସିଜେନ୍ ସିଲିଣ୍ଡର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)କୁ ପ୍ରଦାନ କରାଯାଇଛି। ସେହିପରି କମ୍ପାନୀ ପକ୍ଷରୁ ସହରର ରାସ୍ତାଘାଟ ଓ ବିଭିନ୍ନ ପଡାକୁ ସାନିଟାଇଜ୍ କରାଯାଇଥିଲା।

# ବଜାର ସ୍ଥିତି ପରଖିଲେ ଏସ୍‌ପି

ସମ୍ବଲପୁର,୧୦।୫ (ବ୍ୟୁରୋ)

ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର କଟକଣା ଲାଗୁ କରିଛନ୍ତି। ଏହାକୁ ଲୋକେ କିଭଳି ପାଳନ କରୁଛନ୍ତି ସେ ନେଇ ସ୍ଥିତି ପରିଖିଛନ୍ତି ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର। ଲକ୍‌ଡାଉନ ଓ ଶଟ୍‌ଡାଉନ ପରେ ସୋମବାର ସକାଳେ ଦୋକାନ ବଜାର ଖୋଲାଯାଇଥିଲା। ହେଲେ ବଜାରରେ ଅସମ୍ଭାଳ ଭିଡ଼ ହୋଇଥିବା ଏସ୍‌ପି ସୂଚନା ପାଇ ବୁଢାରଜା ମୁଖ୍ୟ ମାର୍କେଟରେ ପହଞ୍ଚିଥିଲେ। ସେଠାରେ ଗ୍ରାହକ ଓ ବ୍ୟବସାୟୀଙ୍କୁ ସାମାଜିକ ଦୂରତା ପାଳନ କରିବା, ମାସ୍କ ପିନ୍ଧିବା, ଗ୍ରାହକମାନଙ୍କ ପାଇଁ ବୃତ୍ତ ଚିହ୍ନ କରିବାକୁ କହିଥିଲେ। ଏହି ସମୟରେ କେତେଜଣ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ପରେ ଆନନ୍ଦ ସୁପରବଜାରକୁ ଯାଇ କଟକଣା ପାଳନ ହେଉ ନ ଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ବଜାର ହଲ ଭିତରେ ଥିବା ଖାଲି ସ୍ଥାନରେ ୨ ମିଟର ବ୍ୟବଧାନରେ ଗ୍ରାହକ ଓ କର୍ମଚାରୀଙ୍କ ରହିବା ବ୍ୟବସ୍ଥା କରାଇବାକୁ କହିଥିଲେ। ଗ୍ରାହକମାନଙ୍କ ପାଇଁ ସାନିଟାଇଜରର ବ୍ୟବସ୍ଥା ସହ ମାସ୍କ ନ ପିନ୍ଧିଲେ ଦୋକାନ ଆସିବାକୁ ବାରଣ କରିଥିଲେ। ପରେ ପିଏଚ୍‌ଡି ପଡିଆରେ ବସିଥିବା ପରିବା ବଜାରକୁ ଯାଇ ଲୋକଙ୍କୁ ସଚେତନ କରିଥିଲେ। କାଇଁଶିରସ୍ଥିତ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରି ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ରୋଗୀମାନଙ୍କୁ କିଭଳି ସୁବିଧା ଦିଆଯାଉଛି ସେ ନେଇ ପଚାରି ବୁଝିଥିଲେ। ଏସ୍‌ପିଙ୍କ ସହ ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ଉପସ୍ଥିତ ଥିଲେ।


ଆନନ୍ଦ ସୁପରବଜାର ସ୍ଥିତି ଯାଞ୍ଚ କରି ଫେରୁଛନ୍ତି ଏସ୍‌ପି ।

**ମାସ୍କ ନ ଥିଲେ ଦୋକାନ ବାରଣ କରିବାକୁ ତାଗିଦ**

## କାଜୁ ବଗିଚାରୁ ବୃଦ୍ଧାଙ୍କ ମୃତଦେହ ଜବତ

ନାକଟିଦେଉଳ,୧୦।୫(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଘୋଷରାମାଳ ପଞ୍ଚାୟତର ଶଙ୍ଖପୁର ଗ୍ରାମ କାଜୁ ବଗିଚାରୁ ରବିବାର ଅପରାହ୍ନରେ ଜଣେ ବୃଦ୍ଧାଙ୍କର ମୃତଦେହ ଜବତ ହୋଇଛି। ମୃତକ ହେଲେ ଶଙ୍ଖପୁର ଗ୍ରାମର କମାର ନାୟକଙ୍କ ସ୍ତ୍ରୀ ନିଶାମଣି ନାୟକ (୭୦)। ସୂଚନା ଅନୁସାରେ ଗତ ୭ତାରିଖରେ ନିଶାମଣୀ ଶଙ୍ଖପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା କୁଡ଼ାନାଳୀ ଗ୍ରାମର ଲୋକନାଥ ସାହୁଙ୍କ କାଜୁ ବଗିଚାକୁ ଯାଇଥିଲେ। ତେବେ ଅପରାହ୍ନ ପ୍ରାୟ ଅଢେଇଟା ସମୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ସେ ସମୟରେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ସନ୍ଧ୍ୟା ପର୍ଯ୍ୟନ୍ତ ନିଶାମଣି ଘରକୁ ନ ଫେରିବାରୁ ପରିବାର ଲୋକେ ସେ କେଉଁ ଗାଁକୁ ଯାଇଥିବ ଭାବି ଚୁପ ବସିଥିଲେ। ସୋମବାର ବନ୍ଧୁବାନ୍ଧବ ଘରକୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ନିଶାମଣିଙ୍କ ଦୁଇପୁଅ ଖୋଜାଖୋଜି କରୁଥିବା ବେଳେ ଉକ୍ତ କାଜୁ ବଗିଚାରେ ତାଙ୍କର ମୃତଦେହ ପଡ଼ିଥିବା ଦେଖିଥିଲେ। ସୋମବାର ସକାଳୁ ନାକଟିଦେଉଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ନିଶାମଣୀଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ।

## ସହରକୁ ସାନିଟାଇଜ କଲା ଏମ୍‌ସିଏଲ୍

ସମ୍ବଲପୁର,୧୦।୫(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଅନୁରୋଧ କ୍ରମେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ସହରରେ ସାନିଟାଇଜ କରାଯାଇଛି। ଅଇଁଠାପାଲି, ବୁଢାରଜା, ଚର୍ଚ୍ଚ ଛକ, ମୁଦିପଡା ଛକ, ଫାୟାର ଷ୍ଟେଶନ ରୋଡ୍, ଲକ୍ଷ୍ମୀଟକିଜ ରୋଡ୍ ପ୍ରଭୃତି ଅଞ୍ଚଳ ସାନିଟାଇଜ କରାଯାଇଥିଲା।


ସମ୍ବଲପୁର ସହର ସାନିଟାଇଜ କରାଯାଉଛି ।

## ଏସ୍‌ଏମ୍‌ସିରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧୦।୫ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ମୁଦିପଡା ଗୁରୁଦ୍ୱାରା ଶିଖ ସମ୍ପ୍ରଦାୟ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି କ୍ରମରେ ସୋମବାର ଶୁଖିଲା ରାଶନ ସାମଗ୍ରୀ ଓ ମାସ୍କ ବଣ୍ଟନ କରାଯାଇଥିଲା। କରୋନା ମହାମାରୀ ଭୟାବହତାରୁ କିପରି ଜନସାଧାରଣ ଦୂରେଇ ରହିବେ ସେ ନେଇ ବାର୍ତ୍ତା ଦିଆଯାଇଥିଲା। ଜାତୀୟ ବଡି ବିଲ୍ଡିଂ ଫେଡେରେଶନ୍ ଅଫ୍ ଇଣ୍ଡିଆ ସଭ୍ୟ ହରଦୀପ ଭୁର୍ଜଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇଥିବାବେଳେ ନରିନ୍ଦର ସିଂ, ଭଗତ ସିଂ, ଜିମି ସିଂ, ସୋନୁ ସିଂ, ରାଜୁ ଡିଙ୍ଗିରା, ନିଖିଳ ସିଂ, ବିଜେଡି ସମ୍ବଲପୁର ମହାନଗର ନିଗମ ସଭାପତି ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ବାଦ୍ ପଡ଼ିଥିବା ୯ ଏସ୍‌ଏଚ୍‌ଜି ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏସ୍‌ଏଚ୍‌ଜି ମହିଳାମାନେ ।

ସମ୍ବଲପୁର,୧୦।୫(ବ୍ୟୁରୋ)

ସମ୍ବଲପୁର ଜିଲାରେ ରବି ଧାନ ସଂଗ୍ରହ ସୋମବାରଠାରୁ ଆରମ୍ଭ ହୋଇଛି। ହେଲେ ଏହି ପ୍ରକ୍ରିୟାରୁ ୯ ଏସ୍‌ଏଚ୍‌ଜିକୁ ବାଦ୍ ଦିଆଯାଇଛି। ଏହାକୁ ନେଇ ସାହସପୁର ପିପଲକାନୀ ମା' ଶକ୍ତି ଏସ୍‌ଏଚ୍‌ଜି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ଏହି ଗ୍ରୁପର ସଦସ୍ୟାମାନେ ଅଭିଯୋଗ କରିଛନ୍ତି ଯେ, ଗତବର୍ଷ ସେମାନେ ସୁଚାରୁରୂପେ ଧାନ କିଣାବିକା କରିଥିଲେ। ସମସ୍ତ ଚାଷୀ ସେମାନଙ୍କ ଟଙ୍କା ମଧ୍ୟ ପାଇଛନ୍ତି। ରବିଚାଷ ପାଇଁ ପଞ୍ଜୀକରଣ କରିଥିଲେ ମଧ୍ୟ ଧାନ ସଂଗ୍ରହରୁ ବାଦ୍ ଦିଆଯାଇଛି। ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, କେଉଁ ଏସ୍‌ଏଚ୍‌ଜି ଧାନ କିଣାବିକାରେ ସାମିଲ ହେବେ ସରକାର ଧାର୍ଯ୍ୟ କରନ୍ତି। କେତେକ ଏସ୍‌ଏଚ୍‌ଜି ନାମରେ ପଞ୍ଜୀକରଣ, ଧାନ ସଂଗ୍ରହ, ଚାଷୀଙ୍କୁ ହଇରାଣ କରିବା କିମ୍ବା ଅନ୍ୟ କାହା ଦ୍ୱାରା ପରିଚାଳିତ ହେଉଥିବା ନେଇ ଅଭିଯୋଗ ରହିଛି। ଏଭଳି ବିବାଦୀୟ ଏସ୍‌ଏଚ୍‌ଜିଙ୍କୁ ସରକାରୀ ସ୍ତରରେ ସମୀକ୍ଷା କରି ବାଦ୍ ଦିଆଯାଇଥିବା କହିଛନ୍ତି।

## ବଡ଼ଗାଁ : ୪୨ କରୋନା ପଜିଟିଭ ଚିହ୍ନଟ

ବଡ଼ଗାଁ, ୧୦।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଦୈନନ୍ଦିନ ୩୦ରୁ ଉର୍ଦ୍ଧ୍ୱ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି । ସୋମବାର ୧୭୧ ଜଣଙ୍କୁ ଟେଷ୍ଟରେ ୪୨ ଜଣ ପଜିଟିଭ ଜଣାପଡିଛି । ବ୍ଲକର ପାମରା, କଣ୍ଟିଆମୁରା ଓ ପଟୁଆବେଡାରେ ବହୁ ସଂଖ୍ୟକ ପଜିଟିଭ ଥିବା ବେଳେ ପ୍ରାୟ ସମସ୍ତ ଗ୍ରାମରେ କରୋନା ସଂକ୍ରମିତ ଅଛନ୍ତି । ଗ୍ରାମବାସୀ ନିଜ ଅଞ୍ଚଳରେ ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବା ପାଇଁ କରୋନା ଗାଇଡ୍ ଲାଇନ ପାଳନ କରିବା ଜରୁରୀ।

## ନାଟ୍ୟଶ୍ରୀ ପଞ୍ଚାନନ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଦେବଗଡ଼,୧୦।୫(ଡି.ଏନ.ଏ)

ସମ୍ବଲପୁରର ସ୍ୱନାମଧନ୍ୟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଡକ୍ଟର ପଞ୍ଚାନନ ମିଶ୍ରଙ୍କ ବିୟୋଗରେ ସୋମବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ର ଅନ୍ୟତମ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ' ପକ୍ଷରୁ ଏହି ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁଜିତ କୁମାର ପାତ୍ର, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗୁରୁ, ମଙ୍ଗଳ ମହାଙ୍କୁର, ପ୍ରକାଶଚନ୍ଦ୍ର ଦେବତା, ପ୍ରେମାନନ୍ଦ ମାଝୀ, ଜନ୍ମେଜୟ ନାୟକ, ରାକେଶ କୁମାର ଶତପଥି, ଶବଛ କୁମାର ନାୟକ ଓ ଶୁଭଙ୍କର ମହାକୁରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତଃ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଏବଂ ମହମବତୀ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

# କରୋନା ଟେଷ୍ଟ: ଜାଗା ଜଗିଛି ହେଲ୍‌ମେଟ,ପାଣିବୋତଲ

ଦେବଗଡ଼, ୧୦।୫ (ଡି.ଏନ.ଏ)

ଦେବଗଡ଼ ଜିଲାରେ କରୋନା ଟେଷ୍ଟ ପାଇଁ ପ୍ରବଳ ଭିଡ଼ ହେଉଛି। ଲୋକେ ଲାଇନ୍ ଦେବା ପାଇଁ ଆଗୁଆ ଆସି ହେଲମେଟ ଓ ପାଣିବୋତଲ ରଖି ଦେଉଛନ୍ତି। ହେଲମେଟ ଓ ପାଣିବୋତଲ ଲୋକଙ୍କ ସ୍ଥାନ ଜଗିଥିବା ଦେଖିବାକୁ ମିଳିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ କିଛି ଦିନ ହେବ କରୋନା ଟେଷ୍ଟ କରାଯାଉଛି। ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଟେଷ୍ଟ ପାଇଁ ମଧ୍ୟ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏଥିପାଇଁ ଲୋକମାନେ ଟେଷ୍ଟର ବହୁ ପୂର୍ବରୁ ପ୍ରବଳ ଖରା ପାଇଁ ନିଜର ହେଲମେଟ, ପାଣିବୋତଲ ଇତ୍ୟାଦିକୁ ଲାଇନରେ ରଖି ନିଜ ସ୍ଥାନ ରଖୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କିଟ୍ ଅଭାବ ଯୋଗୁ ବହୁ ଲୋକ ଟେଷ୍ଟ ପାଇଁ ଆସି ନିରାଶ ହୋଇ ଫେରିଯାଉଛନ୍ତି। ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ଓ ଗ୍ରାମାଞ୍ଚଳରେ ବହୁଳ ଭାବେ ଟେଷ୍ଟ କରାଯାଉଥିବା ବେଳେ କିଟ୍ ଅଭାବ ଯୋଗୁ ଦେବଗଡ଼ ଷ୍ଟାଡିୟମରେ ନାହିଁ ନ ଥିବା ଭିଡ଼ ଦେଖାଦେଇଛି । ଟେଷ୍ଟ ହେଉଥିବା ସ୍ଥାନର ଭିଡକୁ ଦେଖିଲେ କରୋନାକୁ ଯେ ସହଜରେ ଆମନ୍ତ୍ରଣ କରାଯାଉଥିବା ଆଲୋଚନ ହେଉଛି। ଏଣୁ ଅଧିକ କିଟ୍‌ର ବ୍ୟବସ୍ଥା କରାଯାଇ ସହରର ବିଭିନ୍ନ ୱାର୍ଡରେ ପୂର୍ବ ପରି କରାଯିବାକୁ ଦାବି ହେଉଛି। ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟ ହେଉଥିବା ବେଳେ ଲୋକଙ୍କ ଭିଡ଼ ଦୃଷ୍ଟିରୁ ଷ୍ଟାଡିୟମରେ କରାଯାଉଛି। ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଲୋକ ଟେଷ୍ଟ ପାଇଁ ଆସୁଥିବା ଦେଖିବାକୁ ମିଳିଛି ।


ହେଲ୍‌ମେଟ, ପାଣିବୋତଲକୁ ଲାଇନରେ ରଖି ନିଜ ଜାଗା ରଖୁଛନ୍ତି ଲୋକେ।

# କୋଭିଡ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାମରେ ପୁଣି ଅଭିଯୋଗ

ଝାରସୁଗୁଡ଼ା ଅଫିସ,୧୦।୫

ଝାରସୁଗୁଡ଼ା ଜିଲା କୋଭିଡ୍ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ନାମରେ ପୁଣି ଥରେ ଅଭିଯୋଗ ଆଣିଛନ୍ତି ମୃତରୋଗୀଙ୍କ ସମ୍ପର୍କୀୟ। ସୋମବାର ମୃତ କରୋନା ରୋଗୀ ମଧୁସୂଦନ ବିଶ୍ୱାଳଙ୍କ ଶଳା ଶେଖର ଖମାରୀ ଝାରସୁଗୁଡା ଟାଉନ ଥାନାରେ କୋଭିଡ୍ ହସ୍ପିଟାଲ୍ ମ୍ୟାନେଜର ଦେବ ନାୟକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ଗୁରୁବାର ତାଙ୍କ ଭିଣୋଇ କୁମର ଗ୍ରାମର ମଧୁସୂଦନ ବିଶ୍ୱାଳ (୪୫) କରୋନାରେ ଆକ୍ରାନ୍ତ ହୋଇ ଜିଲା କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ତାଙ୍କର ଗତ ରବିବାର ସାଢେ ୧୨ଟାରେ ମୃତ୍ୟୁ ହୋଇଥିଲା।

ଏ ସମ୍ପର୍କରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ କେତେବେଳେ ବାହାରିବ ଅପେକ୍ଷା କରିଥିଲେ । ଦୀର୍ଘ ସମୟରେ ପରେ ସେମାନେ ଶ୍ମଶାନ ଘାଟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ମୃତଦେହ ଶ୍ମଶାନରେ ପହଞ୍ଚିଥିବା ଖବର ପାଇ ସେମାନେ ସେଠାକୁ ଯାଇଥିଲେ। ସେଠାରେ ମୃତଦେହ ଚିହ୍ନଟ ପରେ ସଂସ୍କାର କରାଯାଇଥିଲା। ହେଲେ ମଧୁସୂଦନଙ୍କ ନିକଟରେ ଥିବା ମୋବାଇଲ୍ ଓ ୨ହଜାର ଟଙ୍କା ପରିବାର ଲୋକଙ୍କୁ ମିଳି ନ ଥିଲା। ସେମାନେ ଏ ସମ୍ପର୍କରେ ପଚାରିବାରୁ ମ୍ୟାନେଜର୍ ଜାଣି ନ ଥିବା କହିଥିଲେ। ପରେ ମୃତକଙ୍କ ଶଳା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ହସ୍ପିଟାଲ୍ ମ୍ୟାନେଜର ନାୟକ ମୃତ ରୋଗୀଙ୍କ ମୋବାଇଲ୍ ଓ ଟଙ୍କା ସମ୍ପର୍କରେ ଜାଣିନାହାନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ କିଛିଦିନ ତଳେ କରୋନାରେ ମୃତ୍ୟୁବରଣ କରିଥିବା ନନ୍ଦଲାଲ୍ ବିଶ୍ୱାଳଙ୍କ ସୁନାଚେନ, ସୁନା ମୁଦି ଓ ୧୦ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ତାଙ୍କ ପୁଅ ପ୍ରଶାନ୍ତ କୋଭିଡ୍ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ନାମରେ ଅଭିଯୋଗ କରିଥିଲେ। ଏଥିପାଇଁ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଛି ବୋଲି ସେ ଦର୍ଶାଇଥିଲେ। ଏ ନେଇ ସେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲାପାଳ ଓ ଏସ୍‌ପିଙ୍କୁ ଟୁଇଟ୍ ଯୋଗେ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

**ମୃତ ରୋଗୀଙ୍କ ମୋବାଇଲ୍, ଟଙ୍କା ମିଳିଲାନି**



ଝାରସୁଗୁଡ଼ା ଜିଲା କୋଭିଡ୍ ହସ୍ପିଟାଲ।